**୩ ଦିନ ପରେ ଜାଗର**

# ଶୁଖିଲା ପଡ଼ିଛି ଶିବଗଙ୍ଗା

ଭଦ୍ରକ,୪।୩ (ସନାତନ ରାଉତ)

## ମନ୍ଥର ଗତିରେ ଚାଲିଛି ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାମ



ଶିବଗଙ୍ଗା ପୁଷ୍କରିଣୀ।

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରାକୁ ଆଉ ୩ ଦିନ ରହିଲା। ମହାଶିବରାତ୍ରି ପାଖେଇ ଆସୁଥିବାରୁ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜାଗର ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲା ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ବେଳେ ତତ୍ପରତା ପ୍ରକାଶ ପାଇଛି। କିନ୍ତୁ ବାବା ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୁଷ୍କରିଣୀ ଏବେ ଶୁଖିଲା ପଡ଼ିଛି। ଜାଗର ରାତିରେ ବାବା ଆଖଣ୍ଡଳମଣିଙ୍କ ପୂଜା ପାଇଁ ଏହି ପୁଷ୍କରିଣୀରୁ ଜଳ ଆଣି ଜଳାଭିଷେକ କରାଯାଏ। ଶିବଗଙ୍ଗା ପୁଷ୍କରିଣୀରୁ ଗୋପାଳମାନେ ଜଳ ଆଣି ଦେବା ପରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରତି ପ୍ରହରରେ ସେବାୟତଙ୍କ ଦ୍ୱାରା ଜଳାଭିଷେକ କରାଯାଏ। ଅପରପକ୍ଷେ ଶିବରାତ୍ରିକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ରାତି ସାରା ଦୀପ ଜାଳିବା ପରେ ଭୋର ସମୟରେ ଏହି ପୁଷ୍କରିଣୀରେ ବୁଡ଼ ପକାଇ ବାବାଙ୍କ ଦର୍ଶନ କରିବା ସହ ପ୍ରସାଦ ପାଇଥାନ୍ତି। ଏଥର ପୋଖରୀ ଶୁଖିଲା ପଡ଼ିଥିବାରୁ ଭକ୍ତମାନେ କେଉଁଠି ସ୍ନାନ କରିବେ, ତାହାକୁ ନେଇ ସେବାୟତମାନେ ଚିନ୍ତାପ୍ରକଟ କରିଛନ୍ତି। ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

ଶିବଗଙ୍ଗାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୩ ଅକ୍ଟୋବରରେ ପୋଖରୀ ଶୁଖାଯାଇଥିଲା। ୫ ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ପୋଖରୀ ସେମିତି ଶୁଖିଲା ପଡ଼ିଛି। କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଗତ ଫେବୃଆରୀ ୫ ରାତିରେ ୨୦ ଫୁଟ୍ ଲମ୍ବର ପାଚେରି ଧସି ଯାଇଥିଲା। ଏପର୍ଯ୍ୟନ୍ତ ଧସିଯାଇଥିବା ପାଚେରିକୁ ସଫା କରାଯାଇ ନ ଥିବା ଦେଖିବାକୁ ମିଳିଛି। ଏନେଇ ସେବାୟତ ଆଶିଷ ପାଢ଼ୀ କହିଛନ୍ତି, ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଜାଗର ପୂର୍ବରୁ ପୋଖରୀକୁ ଶୁଖାଇ ଦିଆଗଲା। ପଙ୍କ ଉଦ୍ଧାର, ଘାଟ ନିର୍ମାଣ, ପାହାଚ ନିର୍ମାଣ ପାଇଁ ଥରେ ନୁହେଁ ୩ ଥର ପୋଖରୀକୁ ଶୁଖାଗଲାଣି, କିନ୍ତୁ କାର୍ଯ୍ୟ ସରୁନାହିଁ। ଜାଗର ପରେ ପୋଖରୀ ଶୁଖାଯାଇ କାର୍ଯ୍ୟ ଆରମ୍ଭ କରିଥିଲେ ଭଲ ହୋଇଥାନ୍ତା। ଜାଗର ରାତିରେ ଜଳାଭିଷେକ ପାଇଁ ଚାରିପ୍ରହରରେ ୪ ଥର ପୋଖରୀରୁ ପାଣି ଅଣାଯାଏ। ପୋଖରୀ ଶୁଖିଲା ପଡ଼ିଥିବାରୁ ଦେଢ଼ କି.ମି. ଦୂର ବୈତରଣୀ ନଦୀରୁ ପ୍ରଥମ ପ୍ରହରର ଅଭିଷେକ ପାଇଁ ପାଣି ଆସିପାରିବ। କିନ୍ତୁ ଚାରିପ୍ରହର ପାଇଁ ପାଣି ଆଣିବା ସମ୍ଭବ ନୁହେଁ। ଏହାବ୍ୟତୀତ ପାଇପ୍ ଜଳ ଯୋଗାଣ ମଧ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ପାନୀୟ ଜଳର ଅଭାବ ସାଙ୍ଗକୁ ଶିବଗଙ୍ଗା ପୁଷ୍କରିଣୀ ଶୁଖିଲା ପଡ଼ିଥିବା ଜାଗର ପାଇଁ ସମସ୍ୟା ସୃଷ୍ଟି କରିବ।

ସେବାୟତ ମଣିପ୍ରସାଦ ପାଢ଼ୀ କହିଛନ୍ତି, ଜାଗରରେ ଆଖଣ୍ଡଳମଣି ପୀଠରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାବେଳେ ଏଥର ପୋଖରୀ ଶୁଖିଲା ପଡ଼ିଥିବାରୁ ପାଣିର ଉତ୍କଟ ସମସ୍ୟା ସୃଷ୍ଟି ହେବ। ଜାଗରରେ ଭକ୍ତମାନେ ସ୍ନାନ ପାଇଁ ସୁଯୋଗ ପାଇବେ ନାହିଁ। ପାନୀୟ ଜଳ ଅଭାବ ସାଙ୍ଗକୁ ଶୌଚ ହେବା ଲାଗି ମଧ୍ୟ ସମସ୍ୟା ସୃଷ୍ଟି ହେବ। ଜିଲା ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଜରିଆରେ ପ୍ରଚୁର ପରିମାଣରେ ପାଣି ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ଏନେଇ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମନୋଜ ପାତ୍ର କହିଛନ୍ତି, ପୋଖରୀ କାର୍ଯ୍ୟ ପାଇଁ ଶୁଖାଇ ଦିଆଯାଇଥିଲା। କାମ ସରି ନ ଥିବାରୁ ଶୁଖିଲା ପଡ଼ିଛି। ଶିବରାତ୍ରିରେ ଭକ୍ତମାନଙ୍କ ପାଇଁ ବୋରୱେଲ ଯୋଗେ ଆବଶ୍ୟକ ପାଣି ଯୋଗାଇ ଦିଆଯିବ।

# ଡାକ୍ତରଖାନାରେ ଆଖି ବୁଜିଲେ ବୃଦ୍ଧ

ଭଣ୍ଡାରିପୋଖରୀ, ୪।୩ (ରବିନାରାୟଣ ଖିଲାର)

## ଦହିବରା ଖାଇ ଅସୁସ୍ଥ ହେବା ଘଟଣା

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ପଞ୍ଚାୟତ ଶଠଗାଁରେ ସାଦଖିଆ ଭୋଜିରେ ଆସିଥିବା ଦହିବରା ଖାଇ ୨୪ଜଣ ଅସୁସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଗ୍ରାମର ଶଶିଭୂଷଣ ବେହେରା(୬୮)ଙ୍କ ମୃତ୍ୟୁ ଘଟିଛି। ସେହି ବିଷାକ୍ତ ଖାଦ୍ୟ ଖାଇ ଶଶିଭୂଷଣଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ସାଦ ଭାର ଆସିଥିଲା। ସେହି ଖାଦ୍ୟ ଗାଁ ସାହି ପଡ଼ୋଶୀଙ୍କୁ ବଣ୍ଟା ଯାଇଥିବା ବେଳେ କେତେଜଣଙ୍କୁ ଡାକି ଖାଇବାକୁ ମଧ୍ୟ ଦିଆଯାଇଥିଲା। ଖାଇବାର କିଛି ସମୟ ପରେ କେତେଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଯାଜପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଶଶୀଭୂଷଣଙ୍କର ସୋମବାର ମୁଣ୍ଡ ବୁଲାଇଥିଲା। ତାଙ୍କର ପରୀକ୍ଷା କରାଯିବାରୁ ଉଚ୍ଚ ରକ୍ତଚାପ ଓ ମଧୁମେହ ଥିବା ଜଣାପଡ଼ିଥିଲା। ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ମୃତଦେହ ଗ୍ରାମକୁ ନେଇ ଆସିଥିଲେ। ଏହି ଘଟଣା ପରେ ଗ୍ରାମରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସିଡିଏମ୍ଓ ଡା. ସନ୍ତୋଷ ପାତ୍ର ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜ କୁମାର ରାଉଳ ଶଠଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବୁଝାଶୁଝା କରିଥିଲେ।

# ଭତ୍ତା, ରାଶନ କାର୍ଡରୁ ବାଦ୍ ନେଇ ଅଭିଯୋଗ



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଭଦ୍ରକ,୪।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଭଦ୍ରକ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଶିବିରରେ ଯୋଗଦେଇ ମୋଟ ୧୭୦ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ଥିଲା। ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡରୁ ନାଁ ବାଦ୍ ପଡ଼ିଥିବା ନେଇ ଅଧିକ ଅଭିଯୋଗ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ ଲକ୍ଷ ଟଙ୍କାର ଲୋଭ ଦେଖାଇ ୫ ଲକ୍ଷ ଠକିଥିଲେ

ଭଦ୍ରକ,୪।୩(ସନାତନ ରାଉତ)

## ୨ ଯୁବକ ଗିରଫ

ଭଦ୍ରକ ବ୍ଲକ ବଣିଆ ଗ୍ରାମର ନାରାୟଣ ସେଠୀଙ୍କ ପାଖରୁ ଗତ ୧୬ ତାରିଖରେ ଏକ ଫୋନ୍ କଲ୍ ଆସିଥିଲା। ଆମ ପାଖରେ ପୁରୁଣା ଶହେ ଟଙ୍କିଆ, ୫୦ ଟଙ୍କିଆ ନୋଟ୍ ଅଛି ତାକୁ ବଦଳାଇବା ପାଇଁ ୫ ଲକ୍ଷ ଟଙ୍କାର କେବଳ ୫ଶହ ଟଙ୍କିଆ ନୋଟ୍ ଦେଲେ ୪ ଥରରେ ତାଙ୍କୁ ୨୦ ଲକ୍ଷ ଟଙ୍କା ମିଳିବ ବୋଲି ଫୋନ୍‌ରେ ଜଣେ ଯୁବକ କହିଥିଲେ। କିନ୍ତୁ ଏହି ଲୋଭ ଦେଖାଇ ନାରାୟଣଙ୍କଠାରୁ ୫ଲକ୍ଷ ଟଙ୍କା ଠକି ନେଇଥିଲେ। ଏହି ଠକେଇ ସ୍କାମ୍‌ର ତଦନ୍ତ କରି ପୋଲିସ ଭଦ୍ରକ ସାବରଙ୍ଗ ଥାନା ଅଧୀନ ଜିତାନଗା ଅଞ୍ଚଳର ବୁଲୁ ପତି ଓ କଟକ ମାହାଙ୍ଗା ଥାନା କାଉଡ଼ାଖୋଲ ଅଞ୍ଚଳର ପ୍ରିୟରଞ୍ଜନ ନାୟକଙ୍କୁ ସେମାନଙ୍କ ଘରୁ ରବିବାର ଗିରଫ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ସେମାନଙ୍କ ପାଖରୁ ୨ ଲକ୍ଷ ୨୦ ହଜାର ଟଙ୍କା, ୪ଟି ମୋବାଇଲ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଯୁବକଙ୍କଠାରୁ ଫୋନ୍ କଲ୍ ପାଇବା ପରେ ଲୋଭରେ ପଡ଼ି ନାରାୟଣ ପରଦିନ ୫ ଲକ୍ଷ ଟଙ୍କା ନେଇ ସେ କହିଥିବା ଚଣ୍ଡିଖୋଲ-ପାରାଦୀପ ରୋଡ୍‌ଟୋଲ୍‌ଗେଟ୍ ପାଖକୁ ଯାଇଥିଲେ। ଫୋନ୍ କରିଥିବା ଯୁବକ ଓ ତାଙ୍କର ଜଣେ ସହଯୋଗୀ ନାରାୟଣଙ୍କ ପାଖରୁ ୫ ଲକ୍ଷ ଟଙ୍କା ନେଇ ତାଙ୍କୁ ଗୋଟିଏ ବାକ୍ସ ଦେଇଥିଲେ। ଏଥିରେ ୨୦ ଲକ୍ଷ ଟଙ୍କା ଅଛି କହି ସେମାନେ ପଳାଇ ଯାଇଥିଲେ। ପରେ ବାକ୍ସ ଖୋଲିବାରୁ କିଛି ଶହେ ଟଙ୍କିଆ ଥିବାବେଳେ ବାଲିଗୁଡ଼ିରେ ବାକ୍ସଟି ଭର୍ତ୍ତି ହୋଇଥିଲା। ୨୨ ତାରିଖରେ ନାରାୟଣ ସାବରଙ୍ଗ ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୨୪/୨୪) ରୁଜୁ ହୋଇଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରୀନା ବକ୍ସଲା ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକ ମହାପଞ୍ଚାୟତ




ବନ୍ତ ଛକରୁ ବାହାରିଥିବା ଶୋଭାଯାତ୍ରା।

ଭଦ୍ରକ,୪।୩(ସନାତନ ରାଉତ)

୨୦୨୧ ଚାଷୀ ଆନ୍ଦୋଳନ ସମୟରେ ମୋଦି ସରକାର ଦେଇଥିବା ଲିଖିତ ପ୍ରତିଶ୍ରୁତିର ପ୍ରତାରଣା ଓ ୨୦୨୪ରେ ଦିଲ୍ଲୀରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ପୋଲିସର ଆକ୍ରମଣ ଓ ଚାଷୀ ହତ୍ୟା ବିରୋଧରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ମହାପଞ୍ଚାୟତ ସଙ୍ଗଠିତ ହୋଇଛି। ସମସ୍ତ କୃଷି ଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଯୁକ୍ତ ଆଇନ ପ୍ରଣୟନ, ଚାଷୀ ହତ୍ୟା ବନ୍ଦ, ଚାଷୀ ଆତ୍ମହତ୍ୟା ରୋକିବା, କୃଷି ଋଣ ଛାଡ଼, ଅତ୍ୟାବଶ୍ୟକ ସାମଗ୍ରୀ, କୃଷି ଯନ୍ତ୍ରପାତି ଓ କୃଷି ଉପକରଣ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ବିଦ୍ୟୁତ୍‌ର ଘରୋଇକରଣ ବନ୍ଦ, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ, ସମ୍ବିଧାନର ସୁରକ୍ଷା ଆଦି ଦାବି କରାଯାଇଛି। ବନ୍ତ ଛକଠାରୁ ଶୋଭାଯାତ୍ରାରେ ଆସି କୃଷକ ମହାପଞ୍ଚାୟତରେ ସାମିଲ ହୋଇଥିଲେ। ଚାଷୀନେତା ଚନ୍ଦ୍ରଶେଖର ନାୟକ, ବିମ୍ବାଧର ବାରିକ, ସୁଶାନ୍ତ ଯେନାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଛି। ସଂଯୁକ୍ତ କୃଷକ ମୋର୍ଚ୍ଚାର ରାଜ୍ୟ ଆବାହକ ତଥା ଅଖିଳ ଭାରତ କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ରର ଭାଜପା ସରକାରକୁ ଗାଦିଚ୍ୟୁତ କରିବା ପାଇଁ ସାଧାରଣ ନିର୍ବାଚନରେ ଚାଷୀମାନେ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।

ଅଖିଳ ଭାରତ କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଜିଲା ସମ୍ପାଦକ ବିମ୍ବାଧର ବାରିକ, ଚାଷୀନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ନାରାୟଣ ଦାଶ, ରମେଶ ସାହୁ, ଗୟାଧର ସାହୁ, ଜୟନ୍ତୁଲ ଆବେଦିନ, କ୍ଷେତ ମଜଦୁର ୟୁନିୟନ ଜିଲା ସମ୍ପାଦକ ଗିରିଧାରୀ ନାଥ, ଏସଏଫ୍‌ଆଇ ରାଜ୍ୟ ସମ୍ପାଦକ ଷ୍ଟାଲିନ ଟିଟନ ଲେଙ୍କା, ଶ୍ରମିକ ନେତା ଦିବ୍ୟସିଂହ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ଶତାଧିକ ଚାଷୀ, ଭାଗଚାଷୀ ଓ କ୍ଷେତ ମଜଦୁର ମହାପଞ୍ଚାୟତରେ ସାମିଲ ଥିଲେ।

# ଏନ୍ଏସିରେ ଅନ୍ତିମ ଯାତ୍ରା ଗାଡ଼ି ଶୁଭାରମ୍ଭ




ଅନ୍ତିମ ଯାତ୍ରା ଗାଡ଼ି ଶୁଭାରମ୍ଭ ଅବସରରେ ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।

ଚାନ୍ଦବାଲି,୪।୩ (କିଷାନ ପାତ୍ର)

ଚାନ୍ଦବାଲି ଏନ୍ଏସି ପକ୍ଷରୁ ସୋମବାର ଅନ୍ତିମ ଯାତ୍ରା ଗାଡ଼ି ଓ ପାନୀୟଜଳ ଟାଙ୍କି ଉଦ୍‌ଘାଟନ କରାଯାଇଛି। ଏନ୍ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଶାନ୍ତିଲତା ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ସବୁଜ ପତାକା ଦେଖାଇ ସ୍ୱର୍ଗରଥ ଗାଡ଼ିକୁ ଶୁଭାରମ୍ଭ କରିଥିଲେ। ଏନ୍ଏସି ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଉପାଧ୍ୟକ୍ଷ ଅମରେନ୍ଦ୍ର ସାହୁ, ଏନ୍ଏସି ପ୍ରକଳ୍ପ ଅଧିକାରୀ ପ୍ରଭାତ ସାହୁ, ମୁକ୍ତା ଯୋଜନା ଯନ୍ତ୍ରୀ ମନୀଷା ଜେନା ଓ ସମସ୍ତ କାଉନସିଲର, କର୍ମଚାରୀ ଉପସ୍ଥିତ ଥିଲେ। ପରେ ବିଧାୟକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ଡ୍ରେସ୍‌କୋଡ୍ ବଣ୍ଟନ କରିଥିଲେ। ବ୍ଲକ ବିଜେଡି ସଭାପତି ଦ୍ୱିଜବର ରାଉତ, ସରୋଜ ବଳ, ସେକ୍ ଫିରୋଜ, ଅମର ସେଠୀ, ନରେଶ ମାଝୀ, ଅଜୟ ସାହୁ, ହାଉଁଲି ବଳ, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ବେଳେ ଟିଏମ୍‌ସିରେ ଖର୍ଚ୍ଚ ଟଙ୍କା ମିଳିନି

ଚାନ୍ଦବାଲି,୪।୩(ଅଶୋକ କୁମାର ପଣ୍ଡା)

## ବକେୟା ପ୍ରାପ୍ୟ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ଦାବି

କୋଭିଡ୍ ସମୟରେ ଟିଏମ୍‌ସିରେ ଖର୍ଚ୍ଚ କରିଥିବା ଅର୍ଥ ପାଇବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଛି। ଚାନ୍ଦବାଲି ବ୍ଲକର କରଣପଲ୍ଲୀ ପଞ୍ଚାୟତରେ ହୋଇଥିବା ଟିଏମ୍‌ସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସଙ୍ଗରୋଧରେ ରହିଥିବା ଅନ୍ତେବାସୀଙ୍କୁ ମା' କନକ ସୁନ୍ଦରୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୨୦୨୦ ମେ ୧୭ରୁ ଜୁନ୍ ୧ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଏ ବାବଦରେ ଗୋଷ୍ଠୀ ଜମା ଟଙ୍କାରୁ ଖର୍ଚ୍ଚ କରାଯାଇଥିବା ବେଳେ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ ବିଡିଓଙ୍କ ପାଖରେ ଦାଖଲ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୬୦ ହଜାର ଟଙ୍କା ମିଳିଥିବା ବେଳେ ବକେୟା ୮୦ ହଜାର ଟଙ୍କା ଆଜି ପର୍ଯ୍ୟନ୍ତ ମିଳିନାହିଁ। ବିଡିଓଙ୍କୁ ଏକାଧିକବାର ଜଣାଇଥିଲେ ମଧ୍ୟ ପ୍ରାପ୍ୟ ମିଳିପାରି ନ ଥିବା ସୋମବାର ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରାଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ କନକ କଳା, ନମିତା କଳା, ସ୍ନେହଲତା କଳା ପ୍ରମୁଖ ଦାବି କରିଛନ୍ତି।

# ପୁଅ ବାହାଘର ପୂର୍ବଦିନ ବାପାଙ୍କ କୋକେଇ ଉଠିଲା

ବାସୁଦେବପୁର,୪।୩ (ନାରାୟଣ ପ୍ରସାଦ ବାରିକ୍)

ରାତି ପାହିଲେ ପୁଅର ବାହାଘର ହୋଇଥାନ୍ତା। ଘରେ ପୁରା ଖୁସିର ମାହୋଲ ଥିଲା। ହେଲେ ପୁଅ ବାହାଘର ପୂର୍ବଦିନ ବାପାଙ୍କ କୋକେଇ ଉଠିଲା। ସୋମବାର ସନ୍ଧ୍ୟାରେ ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବଳିବିନ୍ଧା ଗ୍ରାମରେ। ସନ୍ଧ୍ୟାରେ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ସନାତନ ସାହୁ(୬୮)ଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସନାତନଙ୍କ ପୁଅଙ୍କ ବିବାହ ହେବାର ଥିଲା। ପୂର୍ବଦିନ ବାପାଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

# ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ

ଭଦ୍ରକ,୪।୩(ସନାତନ ରାଉତ)

## ବରପଦା ବିକାଶ ମଞ୍ଚର ଚେତାବନୀ




ଖବରଦାତା ସମ୍ମିଳନୀରେ ବରପଦା ବିକାଶ ମଞ୍ଚର ସଦସ୍ୟ।

ବରପଦା ଇଞ୍ଜିନିୟରିଂ କଲେଜର ଆର୍ଥିକ ଅନିୟମିତତାର ପ୍ରତିବାଦ ଓ ସୋସାଇଟି ଭଙ୍ଗ ଦାବି କରିଛି ବରପଦା ବିକାଶ ମଞ୍ଚ। କଲେଜ ମହାଦୁର୍ନୀତିରେ କେତେଜଣ ପ୍ରଶାସନିକ ଅଧିକାରୀ ସହଯୋଗ କରୁଥିବା ସୋମବାର ସନ୍ଧ୍ୟାରେ ଭଦ୍ରକ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ବରପଦା ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ୧୯୮୨ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନକୁ ୧୯୯୦ରେ ସାମଲ ପରିବାର ସୋସାଇଟି ରେଜିଷ୍ଟ୍ରେଶନ କରି ନିଜ ହାତକୁ ନେଇଥିଲେ। ସେମାନେ ଅନୁଷ୍ଠାନର ମୂଳ ପ୍ରତିଷ୍ଠାତା ନୁହନ୍ତି କିମ୍ବା କଲେଜ ପ୍ରତିଷ୍ଠାରେ ତାଙ୍କର କୌଣସି ଭୂମିକା ନ ଥିବାରୁ ପରିଚାଳନା କମିଟିକୁ ବାତିଲ କରାଯାଇ ଜିଲାପାଳ ପରିଚାଳନା ଭାର ଗ୍ରହଣ କରନ୍ତୁ ବୋଲି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବା ସହ ଭଦ୍ରକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ସଭାପତି ଯୁଧିଷ୍ଠିର ପଣ୍ଡା ଚେତାବନୀ ଦେଇଛନ୍ତି। କର୍ମଚାରୀଙ୍କ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, କର୍ମଚାରୀ ବିଜୟ ରାଉତ, ପ୍ରଫୁଲ୍ଲ କୁମାର ଜେନା, ବିକାଶ ମଞ୍ଚର ସଦସ୍ୟ ଦୋଳଗୋବିନ୍ଦ ଜେନାଙ୍କ ସହ କଲେଜର ଛଟେଇ କର୍ମଚାରୀମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ରାଶନ କାର୍ଡରେ ଯୋଡ଼ାଯାଉନି ନାଁ

ତିହିଡ଼ି,୪।୩ (ସଞ୍ଜିତ ବଳ)

## ୮ ମାସ ହେଲା କାର୍ଯ୍ୟାଳୟକୁ ଦୌଡ଼ି ନିରାଶ



ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରାଶନ କାର୍ଡରେ ନାଁ ଅନ୍ତର୍ଭୁକ୍ତ ପାଇଁ ଆସିଥିବା ଲୋକେ।

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ୧୦,୭୪୩ ଜଣଙ୍କ ନାଁ ରାଶନ କାର୍ଡରେ ଯୋଡ଼ା ହୋଇପାରି ନାହିଁ। ଯାହାଦ୍ୱାରା ସେମାନେ ଚାଉଳ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୮ ମାସ ହେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବିଭିନ୍ନ ସମୟରେ ଯାଇ ନିରାଶରେ ଫେରୁଛନ୍ତି। ବିଭାଗୀୟ ଅଧିକାରୀ ସାଇଟ୍ ଖୋଲୁନି, ଟାର୍ଗେଟ ଆସିନି କହି ସେମାନଙ୍କୁ ଫେରାଇ ଦେଉଥିବା ଅଭିଯୋଗ ହେଉଛି। ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ପାଇଁ ପ୍ରତି ମାସ ଚାଉଳ ଯୋଗାଇବା ବ୍ୟବସ୍ଥା କରିଛନ୍ତି। ଯାହାଦ୍ୱାରା କୌଣସି ପରିବାର ଭୋକ ଉପାସରେ ରହିବେ ନାହିଁ। ମାତ୍ର ଏହି ବ୍ଲକର ୩୧ ପଞ୍ଚାୟତରେ ୧୦,୭୪୩ଜଣଙ୍କ ନାଁ ରାଶନ କାର୍ଡରେ ଯୋଡ଼ା ହୋଇ ନ ଥିବାରୁ ସେମାନେ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଭିତରୁ କେତେଜଣଙ୍କ ନାଁ ପୂର୍ବରୁ କଟି ଯାଇଥିବା ବେଳେ ଅନ୍ୟମାନେ ନୂଆ ହିତାଧିକାରୀ ଅଛନ୍ତି। ଅପରପକ୍ଷେ ମୃତକ ଓ ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ଅଛନ୍ତି। ଯାଞ୍ଚ କରାଯାଇ ସେମାନଙ୍କୁ ବାଦ୍ ଦିଆଗଲେ ଯୋଗ୍ୟ ହିତାଧିକାରୀମାନେ ଉପକୃତ ହୋଇପାରନ୍ତେ ବୋଲି ତାଳପଦା ଗ୍ରାମର ଅମର ସେଠୀ, ବାଲିଚତୁରୀ ଗ୍ରାମର ଅଭିମନ୍ୟୁ ଦାସ ଓ ସୟା ଗ୍ରାମର ଶାନ୍ତିଲତା ନାୟକ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ ଦାସଙ୍କୁ ପଚାରିବାରୁ ଟାର୍ଗେଟ ନ ଥିବାରୁ ହିତାଧିକାରୀଙ୍କ ନାଁ ରାଶନ କାର୍ଡ ଭୁକ୍ତ ହୋଇପାରୁ ନ ଥିବା କହିଛନ୍ତି।

**ଅବକାରୀ ଚଢ଼ାଉ, ୩ ଗିରଫ**

ମୋରଡ଼ା,(ସ୍ମାରକ ମାଜୀ)-ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଉଫାଲଗଡିଆ ଗ୍ରାମର ନିମାଇଁ ହେମ୍ବ୍ରମ ଓ ଖେଲା ହେମ୍ବ୍ରମଙ୍କ ନିକଟରୁ ୨୨ ଓ ୨୫ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଧାନଶୋଳ ଗ୍ରାମର ସୀତା ବିନ୍ଧାଣୀଙ୍କ ନିକଟରୁ ୨୫ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ମୟୂରଭଞ୍ଜ

# ମନ୍ତ୍ରୀ-ବ୍ଲକ୍ ଅଧ୍ୟକ୍ଷା ବିବାଦ ତେଜିଲା

### ବ୍ଲକ୍ କାର୍ଯ୍ୟାଳୟରେ ତାଲାପକାଇ ସମର୍ଥକଙ୍କ ଧାରଣା

ଠାକୁରମୁଣ୍ଡା,୪।୩ (ତାରାକାନ୍ତ ପଟ୍ଟନାୟକ)

ମହିଳା,ଶିଶୁ ବିକାଶ ଓ ମିଶନଶକ୍ତି ମନ୍ତ୍ରୀ ତଥା କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଏବଂ ଠାକୁରମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ମଧ୍ୟରେ ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ତୁତୁମେଁମେଁ ଲାଗି ରହିଥିବାରୁ ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଆଗାମୀ ନିର୍ବାଚନରେ ମନ୍ତ୍ରୀ ଓ ଅଧ୍ୟକ୍ଷା ବିଜେଡିରୁ ଟିକଟ ପାଇବାପାଇଁ ଆଶାୟୀ ଥିବାରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଏହିବିବାଦ ଉଗ୍ରରୂପ ଧାରଣ କରିବା ସହ ମନ୍ତ୍ରୀ ଓ ଅଧ୍ୟକ୍ଷାଙ୍କ ସମର୍ଥକମାନେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।



ବ୍ଲକ୍ କାର୍ଯ୍ୟାଳୟ ଆଗରେ ମନ୍ତ୍ରୀ ଓ ବ୍ଲକ୍ ଅଧ୍ୟକ୍ଷାଙ୍କ ସମର୍ଥକ।

ବ୍ଲକରେ ଉନ୍ନୟନମୂଳକ କାମ ନାମକୁ ମାତ୍ର ବିଭାଗୀୟ କାର୍ଯ୍ୟାଦେଶ ବଳରେ ହେଉଥିବାବେଳେ ପ୍ରକୃତପକ୍ଷେ ଠିକାଦାରମାନେ ସବୁ କାମ କରନ୍ତି। ମାତ୍ର ବର୍ଷ ବର୍ଷ ଧରି ସେମାନେ ବିଲ୍ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷା ଫାଇଲ ଛାଡୁ ନ ଥିବାରୁ ମନ୍ତ୍ରୀଙ୍କ ଗୋଷ୍ଠୀର କର୍ମୀ ଓ ଠିକାଦାରମାନେ ପ୍ରତିବାଦରେ ଧାରଣା ଦେଇଥିବା କହିଛନ୍ତି। ଅନ୍ୟପକ୍ଷେ ବ୍ଲକ୍ ଅଧୀନ ଚମ୍ପାଝରଠାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଲ୍ ପୈଠ ହେଉନାହିଁ। ଏନେଇ ଚମ୍ପାଝର ଗ୍ରାମବାସୀ ଅଧ୍ୟକ୍ଷାଙ୍କ ସମର୍ଥନରେ ଗତ ୧ ତାରିଖରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସି ମନ୍ତ୍ରୀଙ୍କ ବିରୋଧରେ ନାରା ଦେଇଥିଲେ। ସୋମବାର ମନ୍ତ୍ରୀଙ୍କ ଗୋଷ୍ଠୀର ଜିଲାପରିଷଦ ସଦସ୍ୟ, ସମିତିସଭ୍ୟ, କର୍ମୀ ଓ ଠିକାଦାରମାନେ ଅନୁରୂପ ଭାବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବ୍ଲକ୍ ଅଧ୍ୟକ୍ଷା ହାୟ ହାୟ ବୋଲି ନାରା ଦେଇଥିଲେ। ଯନ୍ତ୍ରୀଙ୍କ ମାଧ୍ୟମରେ ମନ୍ତ୍ରୀ ମନ୍ଦିର କାର୍ଯ୍ୟରେ ଏକ ଲକ୍ଷ ଟଙ୍କା ପିସି ମାଗୁଥିବା ଚମ୍ପାଝର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପ୍ରତି ଉନ୍ନୟନ କାର୍ଯ୍ୟରେ ବ୍ଲକ୍ ଅଧ୍ୟକ୍ଷା ୫୦ପ୍ରତିଶତ ପିସି ଦାବି କରିବା ସହିତ ମନମୁଖୀ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ

ବୈଶିଙ୍ଗା,୪।୩(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ପକ୍ଷରୁ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ବଣ୍ଟନ କରାଯାଇଛି। ବରିଷ୍ଠ ନାଗରିକଙ୍କୁ ବସ୍, ଟ୍ରେନରେ ଯାତାୟାତ ସମୟରେ, ବ୍ୟାଙ୍କରେ ଓ ଡାକ୍ତରଖାନାରେ ଅନେକ ସମୟରେ ଅଣଦେଖା କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ଥାନା ଅଭ୍ୟର୍ଥନା କକ୍ଷରେ ୬୫ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବୈଶିଙ୍ଗା ଥାନାର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୫୨ ଅଭିଯୋଗର ଶୁଣାଣି

ବାରିପଦା,୪।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣା ଉପସ୍ଥିତ ରହି ବାରିପଦା ଉପଖଣ୍ଡ ୪ଟି ବ୍ଲକ୍‌ର ମୋଟ ୨୫୨ଟି ଅଭିଯୋଗର ଶୁଣାଣି କରିଛନ୍ତି। ମୁଖ୍ୟତଃ ଜଳଯୋଗାଣ, ଜମି ସୀମା ଚିହ୍ନଟ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଅଭିଯୋଗ ମଧ୍ୟରୁ ୨୧୭ଟି ବ୍ୟକ୍ତିଗତ ଥିବା ବେଳେ ୨୭ଟି ସାମୁହିକ ସମସ୍ୟା ଥିଲା। ଅନ୍ୟ ୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡ଼ିକ ଦ୍ରୁତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ବିଭୂତି ଭୂଷଣ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଭୟ ଦାଶ, ସମସ୍ତ ବ୍ଲକ୍‌ର ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ।

## ଦଳିତ-ଆଦିବାସୀ ମହାସଂଘର ସମାବେଶ



ସମାବେଶରେ ଉପସ୍ଥିତ ଦଳିତ-ଆଦିବାସୀ ମହାସଂଘର ସଦସ୍ୟମାନେ।

ଖୁଣ୍ଟା,୪।୩(ଦେବରଞ୍ଜନ ବେହେରା)

ବାରିପଦା ନିର୍ବାଚନ ମଣ୍ଡଳୀ ଖୁଣ୍ଟା ବ୍ଲକ ଅଧୀନ ଭୋଲାଗଡ଼ିଆ ପଞ୍ଚାୟତସ୍ଥିତ ମିନିଷ୍ଟାଡ଼ିୟମଠାରେ ଦଳିତ-ଆଦିବାସୀ ମହାସଂଘର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ରାକେଶ ସିଂଙ୍କ ଆହ୍ୱାନ କ୍ରମେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ମହାସଂଘର କର୍ମୀକର୍ତ୍ତା ଓ ସଦସ୍ୟମାନେ ଡୁକୁରା ଛକଠାରୁ ଏକ ବାଇକ୍ ଶୋଭା ଯାତ୍ରାରେ ବାହାରି ଭୋଲାଗଡ଼ିଆ ମିନିଷ୍ଟାଡ଼ିୟମଠାରେ ଏକତ୍ରୀତ ହୋଇଥିଲେ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ୬ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସମାବେଶରେ ଯୋଗ ଦେଇଥିଲେ। ସଭାପତି ସିଂ ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଦିବାସୀଙ୍କ ବିକାଶ ପାଇଁ ଜଣେ ଟାଣୁଆ ନେତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସାମାଜିକ କର୍ମୀ ଶରତ କୁମାର ଖୁଣ୍ଟିଆଙ୍କ ସମେତ ମହାସଂଘର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ଥାନୀୟ ସମସ୍ୟାକୁ ନେଇ ଜନସମ୍ପର୍କ ବୈଠକ



ଗ୍ରାମବାସୀ ଓ ଅତିଥିମାନେ।

ମୋରଡ଼ା,୪।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ସାଇ ମନ୍ଦିର ନିକଟ ପଡ଼ିଆରେ ସ୍ଥାନୀୟ ଲୋକଙ୍କୁ ନେଇ ଜନସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟାର ସମାଧାନ ଯଥା ରାସ୍ତା ଘାଟର ଉନ୍ନତୀକରଣ, ପିଇବା ପାଣି, ଉପଯୁକ୍ତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ନ ହେବା, ସରକାରୀ ବାସଗୃହ ମିଳିବା ଇତ୍ୟାଦି ବାବଦରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ଅନ୍ୟମାନଙ୍କ ମଧ୍ୟରେ ବେତନଟି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ସିଂ, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏବଂ ଚିତ୍ରଡ଼ା, ହଳଦୀପାଳ ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ ଜନ ସମ୍ପର୍କ ନିର୍ବାଚନମଣ୍ଡଳୀର ୩ ବ୍ଲକ୍ ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକ୍‌ରେ ଶତାଧିକ ଲୋକଙ୍କ ଉପସ୍ଥିତିରେ ହେବା ସହିତ ଅଞ୍ଚଳବାସୀଙ୍କ ମନରେ ସଚେତନତା ଭାବ ସୃଷ୍ଟି କରିବା ଏହାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ।

## ୧୦ ହଜାରରୁ ଊର୍ଦ୍ଧ୍ୱ ପିଲା ଖାଇଲେ ପୋଲିଓ

ବେତନଟୀ,୪।୩(ଧରଣୀଧର ମହାନ୍ତି)

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତିନିଦିନ ଧରି ୫ ବର୍ଷ ଓ ତାଠାରୁ କମ ପିଲାମାନଙ୍କୁ ପଲସ ପୋଲିଓ ପ୍ରଦାନ କରାଯାଉଛି। ବେତନଟୀ ଅଞ୍ଚଳର ୬୫ଟି ବୁଥ୍‌ରେ ପ୍ରଦାନ ହେଉଥିବା ବେଳେ ବେତନଟୀ ବସ୍‌ଷ୍ଟାଣ୍ଡ, ବେତନଟୀ ରେଳ ଷ୍ଟେଶନ ଓ ବୈଶିଙ୍ଗା ବସ୍‌ଷ୍ଟାଣ୍ଡରେ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ପିଲାମାନଙ୍କୁ ପଲସ ପୋଲିଓ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଏହି ପଲସ ପୋଲିଓ ବୁନ୍ଦା ଖାଇବା ପାଇଁ ୧୧ ହଜାର ୩୬୩ ଜଣ ଶିଶୁଙ୍କୁ ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ରବିବାର ଗୋଟିଏ ଦିନରେ ୧୦ ହଜାର ୭୪୩ ଜଣଙ୍କୁ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘରକୁ ଘର ବୁଲି ପୋଲିଓ ଦେଉଥିବା ବେଳେ ବାହାରୁ ଆସି ବିଭିନ୍ନ କାମରେ ନିୟୋଜିତ ଥିବା ଶ୍ରମିକ ମାନଙ୍କର ପିଲାମାନଙ୍କୁ ମଧ୍ୟ ପଲସ ପୋଲିଓ ବୁନ୍ଦା ଦିଆଯିବ ବୋଲି ସୂଚନା ମିଳିଛି।

## ଅବହେଳା ପ୍ରତିବାଦରେ ଜନସଚେତନତା ସାଇକେଲ ରାଲି

ବାରିପଦା, ୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳାରୁ ଆଖିଦୃଶିଆ ବିକାଶ ପଛରେ ପଡ଼ିଯାଇଛି। ବେକାରୀ ସମସ୍ୟାଠାରୁ ଆରମ୍ଭ କରି ମୌଳିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦାଦନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବେରୋଜଗାର ଯୋଗୁ ଆଦିବାସୀମାନେ କଷ୍ଟକର ଜୀବନ ଅତିବାହିତ କରୁଛନ୍ତି ବୋଲି ଅଭିଯୋଗ ଆଣି ଭଞ୍ଜସେନା ଏହାର ପ୍ରତିବାଦ ଜଣାଇଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ୧୨ଦଫା ଦାବି ନେଇ ଜିଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ତତ୍ତ୍ୱାବଧାନ ଏବଂ ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁଙ୍କ ନେତୃତ୍ୱରେ ସୋମବାର ଜନସଚେତନତା ସାଇକେଲ ରାଲି ବାହାରିଛି। ରାଇରଙ୍ଗପୁର ବ୍ଲକ ଗୋରୁମହିଷାଣୀ ବଜାରସ୍ଥିତ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା ପରେ ପ୍ରଥମ ଦିନର ରାଲି ତିରିଂ ଅଭିମୁଖେ ବାହାରିଥିଲା। ଏହି ରାଲି ୫/୬ ଦିନ ଧରି ଚାଲିବା ସହ ଅବହେଳା ନେଇ ଲୋକଙ୍କୁ ସଚେତନ କରାଯିବ।

ମୟୂରଭଞ୍ଜର ୪ ଉପଖଣ୍ଡ ମଧ୍ୟରୁ ବାମନଘାଟି ଉପଖଣ୍ଡ ହେଉଛି ସର୍ବାଧିକ ଆଦିବାସୀ ବହୁଳ ଏବଂ ଲୌହ ଖଣିଜ ସମ୍ପଦଭରା ଅଞ୍ଚଳ। ଏହି ଉପଖଣ୍ଡରେ ଥିବା ସମସ୍ତ ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଅଭିଜ୍ଞ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ଉପଖଣ୍ଡ ମୁଖ୍ୟ ରାଇରଙ୍ଗପୁର ହସ୍ପିଟାଲକୁ ସୁପର ସ୍ପେସାଲିଟି ହସ୍ପିଟାଲ ଭାବେ ନିର୍ମାଣ, ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଅତିରିକ୍ତ ଜିଲାପାଳଙ୍କୁ ଆର୍ଥିକ କ୍ଷମତା ପ୍ରଦାନ ଏବଂ ବାମନଘାଟି ଉପଖଣ୍ଡ ଅଧୀନରେ ବ୍ଲକ ସଂଖ୍ୟା ବୃଦ୍ଧି ଦାବି କରାଯାଇଛି। ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)କୁ କେବଳ ଖଣି ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବେଶ ସନ୍ତୁଳନ ଉପରେ ଖର୍ଚ୍ଚ କରାଯିବା, ବାମନଘାଟି ଉପଖଣ୍ଡରେ ଫୁଟ୍‌ବଲ ଏକାଡେମୀ ପ୍ରତିଷ୍ଠା, ରାଇରଙ୍ଗପୁର ସହରରେ ୫ବର୍ଷ ଧରି ଚାଲିଥିବା ଏକମାତ୍ର ମହତାବ ଭବନ (ଟାଉନ ହଲ୍) ନିର୍ମାଣ କାର୍ଯ୍ୟ ସାରିବା, ଏକ ଖଣିଜଭିତ୍ତିକ ଲୌହ ଶିଳ୍ପ ପ୍ରତିଷ୍ଠା ସହ ପଡ଼ୋଶୀ ଝାଡ଼ଖଣ୍ଡକୁ ଖଣିଜ ଓ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକାଯିବା, ପ୍ରସ୍ତାବିତ ଭାଲୁବସା-ପୁରୁଣାପାଣି ବାଇପାସ୍ ରୋଡ୍ କାର୍ଯ୍ୟ ତୁରନ୍ତ ଆରମ୍ଭ ଆଦି ଦାବି ରହିଛି। ଭଞ୍ଜସେନାର ଆଦିବାସୀ ଶାଖା ଜିଲା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମୁର୍ମୁ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ସୁନୀଲ ବାସ୍କେ, ଶ୍ରୀରାମ ମୁର୍ମୁ, ରୟା ମୁର୍ମୁ, ସିପାଲ ହାଁସଦା, ସୁନୀଲ ମୁର୍ମୁ, କରନ ମୁର୍ମୁ, ଫାଗୁ ମୁର୍ମୁ, କ୍ରିଷ୍ଣା ମାରାଣ୍ଡି, ମାନସିଂ ମୁର୍ମୁ ପ୍ରମୁଖଙ୍କ ସମେତ ବହୁ ଯୁବ ସଙ୍ଗଠକ ରାଲିରେ ସାମିଲ ହୋଇଛନ୍ତି।

## ବାଲେଶ୍ୱର

# ଲାଇନମ୍ୟାନଙ୍କ ସାହସ ଓ କର୍ତ୍ତବ୍ୟ ନିଷ୍ଠାକୁ ସମ୍ମାନ

### ଟିପିଏନ୍‌ଓଡିଏଲ୍ ପକ୍ଷରୁ ଲାଇନମ୍ୟାନ ଦିବସ ପାଳିତ

ବାଲେଶ୍ୱର,୪।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନ୍‌ଓଡିଏଲ୍) ପକ୍ଷରୁ ସୋମବାର ଲାଇନମ୍ୟାନ ଦିବସ ପାଳିତ ହୋଇଛି ଟିପିଏନ୍‌ଓଡିଏଲ୍ ସିଇଓ ଦ୍ୱିଜଦାସ ବସକଙ୍କ ପୌରୋହିତ୍ୟରେ ଲାଇନମ୍ୟାନ ଦିବସ ଯାଜପୁରରେ ପାଳିତ ହୋଇଥିବାବେଳେ କମର୍ସିଆଲ ମୁଖ୍ୟ ପର୍ବିନ ବର୍ମା ରାଇରଙ୍ଗପୁର, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଜଳେଶ୍ୱର ଓ ଅପରେସନ ମୁଖ୍ୟ ନିଲେଶ ପୋଟଫଡେ ବାଲେଶ୍ୱରରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।




ଅତିଥିମାନେ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଲାଇନମ୍ୟାନ ଦିବସର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ସିଇଓ ବସକ ଦର୍ଶାଇଥିଲେ ଯେ, ବିଦ୍ୟୁତ୍ ସେବା ବିତରଣରେ ଲାଇନମ୍ୟାନମାନେ ହେଲେ ପ୍ରମୁଖ ଅଙ୍ଗ। ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ଲାଇନମ୍ୟାନମାନେ ତୃଣମୂଳ ସ୍ତରରେ ଗୁରୁଦାୟିତ୍ୱ ବହନ କରନ୍ତି। ସେବା, ସ୍ୱାଭିମାନ ଓ ସୁରକ୍ଷା ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମ ତଥା ଟିପିଏନ୍‌ଓଡ଼ିଏଲ୍‌ର ମୂଳ ଲକ୍ଷ୍ୟ। ଲାଇନମ୍ୟାନଙ୍କ ସାହସ ଓ କର୍ତ୍ତବ୍ୟ ନିଷ୍ଠାକୁ ସମ୍ମାନ ଜଣାଇବା ପାଇଁ ନିରାପତ୍ତା ସପ୍ତାହର ପ୍ରଥମ ଦିନକୁ ଲାଇନମ୍ୟାନ ଦିବସ ଭାବେ ପାଳନ କରାଯାଉଥିବା ସେ କହିଥିଲେ। ଲାଇନମ୍ୟାନ ଦିବସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଟିପିଏନ୍‌ଓଡିଏଲ୍‌ର ସମସ୍ତ ଡିଭିଜନସ୍ତରରେ ଆୟୋଜନ କରାଯାଇଥିବାବେଳେ ଏଥିରେ ୧୦ ହଜାରରୁ ଅଧିକ ୧୧କେଭି ଓ ୩୩କେଭି ଲାଇନମ୍ୟାନ ଓ ବିଏ ଲାଇନମ୍ୟାନ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଲାଇନମ୍ୟାନ ଦିବସ ପାଇଁ ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର ରାଲି ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍ ମାନବସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବନିକ, ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥୀ, ଦେବାଶିଷ ପୁହାଣ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ଲୋକସମ୍ପର୍କ ଅଧିକାରୀ ଚିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ

### ଗୁହାଳରେ ଲାଗିଲା ନିଆଁ

ରୂପସା,୪।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ସୀତାପୁର ଗ୍ରାମର ହରିହର ସାମଲଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ୧୦ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଦେଖିବାକୁ ମିଳିଛି। ରବିବାର ରାତିରେ ହରିହର ତାଙ୍କର ଛେଳି ଗୁହାଳରେ ଧୂଆଁ ଦେଇଥିଲେ। ପରିବାର ସଦସ୍ୟ ଟିଭି ଦେଖୁଥିବା ସମୟରେ ହଠାତ୍ ଗୁହାଳ ଘରେ ନିଆଁ ଲାଗି ଯାଇଥିଲା। ଖବର ପାଇ ମୁକୁଳିସି ସରପଞ୍ଚ ଅମିତ୍ କୁମାର ବିଶ୍ୱାଳ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ବସ୍ତା ତହସିଲଦାରଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳରେ ଥିବା ୪୦ଟି ଛେଳିରୁ ୧୦ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଦେଖିବାକୁ ମିଳିଥିଲା। ନିଆଁ ଲିଭାଇବାକୁ ଯାଇ ଗ୍ରାମର କିଶୋର ଜେନା ଏବଂ ହରିହରଙ୍କ ସ୍ତ୍ରୀ ଲିଲି ସାମଲ ଆହତ ହୋଇଛନ୍ତି।

## ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ



ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତାମାନେ।

ବାଲିଆପାଳ,୪।୩(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀ ଇଡ଼ିଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉଢଡ଼ିହା ଗ୍ରାମରେ ସୋମବାର ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଶାସନ ଓ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ବିଜେଡି ନେତା ଦେବୀ ପ୍ରସାଦ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ଓ ବସ୍ତା ନିର୍ବାଚନ ମଣ୍ଡଳୀକୁ ସମସ୍ତେ ମିଶି ଏକ ସୁନ୍ଦର, ସଶକ୍ତ ଓ ବିକଶିତ ନିର୍ବାଚନ ମଣ୍ଡଳୀରେ ପରିଣତ କରିବାକୁ ମୁଖ୍ୟ ଅତିଥି ଜେନା ଆହ୍ୱାନ ଦେଇଥିଲେ।

## 'ମହୋତ୍ସବ ରାଷ୍ଟ୍ର ଭକ୍ତି, ଜାତି ପ୍ରୀତି ଜାଗ୍ରତ କରେ'

### ରୂପ୍‌ସା ମହୋତ୍ସବର ତୃତୀୟ ସନ୍ଧ୍ୟା

ରୂପସା,୪।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ପୋଡ଼ାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୩ତମ ବାର୍ଷିକ ରୂପ୍‌ସା ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାଜପା ମିଡିଆ ଜୋନାଲ ସଂଯୋଜକ ସତ୍ୟଜିତ ମିଶ୍ର ଯୋଗଦେଇ ମହୋତ୍ସବ ମାଧ୍ୟମରେ ରାଷ୍ଟ୍ର ଭକ୍ତି ଓ ଜାତି ପ୍ରୀତି ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଏମ୍‌ପି ପ୍ରତିନିଧି ଶୁଭେଶ ନାୟକ, ୨୮ନଂ. ଜୋନ୍



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଭାଜପା ସଭାପତି ତପନ କୁମାର ଗିରି, ଆଙ୍କୋ ଭାଜପା ସଭାପତି ଶ୍ରୀଧର ବେହେରା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ମେଲୋଡି କାର୍ଯ୍ୟକ୍ରମର ନୃତ୍ୟ ଗୀତ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା। ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ଚନ୍ଦନ ଜେନା, ଦୀପକ ସାମଲ, ଅଧ୍ୟାପକ ରବୀନ୍ଦ୍ର ପଣ୍ଡା, ଉପଦେଷ୍ଟା ସଚ୍ଚିନ୍ଦ୍ର ବେହେରା, ଲମ୍ବୋଦର ଜେନା, ରାଜେଶ କୁମାର ଜେନା, ବଣ୍ଟି ବେହେରା, କମଳାକାନ୍ତ ପଣ୍ଡା, ସଦସ୍ୟା ଝିଲି ବେହେରା, ନମିତା ସେନାପତି, ରୂପା ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଦାଦା ବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ

### ଡ୍ରାଇଭର, ହେଲପର ଗୁରୁତର

ବାଲିଆପାଳ,୪।୩(ଅମୂଲ୍ୟ କୁମାର ଦାସ): ଦାଦାବଟିକୁ କେନ୍ଦ୍ର କରି ମାରଣାନ୍ତକ ଆକ୍ରମଣରେ ଟ୍ରାକ୍ଟର ଡ୍ରାଇଭର ଏବଂ ହେଲପର ଗୁରୁତର ହୋଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ ଚୌମୁଖ ଗ୍ରାମର ପ୍ରଦୀପ କରଙ୍କ ଟ୍ରାକ୍ଟର ନେଇ ତାଙ୍କର ଡ୍ରାଇଭର ଏବଂ ହେଲପର ଯାଉଥିବା ସମୟରେ କାଳିପଦା ଛକରେ ୫ଜଣ ଦୁର୍ବୃତ୍ତ ଗାଡ଼ି ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଦୁର୍ବୃତ୍ତମାନେ ଡ୍ରାଇଭର ଏବଂ ହେଲପରଙ୍କୁ ନିସ୍ତୁକ ପିଟିଥିଲେ। ଖବର ପାଇ ପ୍ରଦୀପ କରଙ୍କ ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ନିସ୍ତୁକ ପିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଗାଡ଼ି ନାହିଁ କି ମହିଳା କର୍ମଚାରୀ ନାହାନ୍ତି

### ଖଇରା ଅବକାରୀ ଥାନା

ଖଇରା,୪।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାଠାରେ ଅବକାରୀ ଥାନ ଖୋଲିବାର ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଗଲାଣି। ହେଲେ ମାଳ ମାଳ ସମସ୍ୟା ଦେଇ ଗତି କରୁଥିବାରୁ ଏବେ ବେଆଇନ ମଦ ବା ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ୩ଜଣ କର୍ମଚାରୀଙ୍କ ପାଇଁ ମୁସ୍କିଲ ହୋଇପଡୁଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଖଇରା ସିମୁଳିଆ ଜନସାଧାରଣ ଦାବି କରିଛନ୍ତି।

ପ୍ରଥମେ ଖଇରା ଥାନା କିଛି ବର୍ଷଧରି ସୋରରେ ଚାଲିଥିଲା। ବହୁବାର ଦାବି ପରେ ୨ବର୍ଷତଳେ ଖଇରାକୁ ସ୍ଥାନାନ୍ତର ହୋଇଥିଲା। ହେଲେ କାର୍ଯ୍ୟାଳୟ ପାଇଁ ନିଜସ୍ୱ ଗାଡ଼ି ଯୋଗାଯାଇ ନ ଥିବାରୁ ଫୋନରେ ସୂଚନା ପାଇ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବା ସମ୍ଭବ ହୋଇ ପାରୁନାହିଁ। ଏହି କାରଣରୁ



ଅନେକ ସମୟରେ ଚୋରା ବିକ୍ରେତମାନେ ଖସି ପଳାଇଯିବାକୁ ସକ୍ଷମ ହେଉଛନ୍ତି। ସେହିଭଳି ଉଭୟ ମହିଳା ଓ ପୁରୁଷ ଅଭିଯୁକ୍ତଙ୍କୁ ଧରିବାକୁ ସାଧାରଣ ଭାବେ କୌଣସୀ ଏକ ଥାନାକୁ ମହିଳା ଓ ପୁରୁଷ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ। ହେଲେ ଏଠାରେ ଏହା ପୂର୍ବରୁ ଥାନା ଅଧିକାରିଣୀ କଳ୍ପନା ଜେନାଙ୍କ ବଦଳି ପରେ ନୂଆ ଥାନା ଅଧିକାରୀ ସୁରଜ କୁମାର ଟିଗାଙ୍କ ସହିତ ମାତ୍ର ୨ଜଣ ପୁରୁଷ କର୍ମଚାରୀ ଅଛନ୍ତି। ଫଳରେ ମହିଳା ଅଭିଯୁକ୍ତମାନେ ଚୋରା ମଦ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହନ ପାଉଥିବା ଅଭିଯୋଗ ହୋଇଛି । ଏହା ବ୍ୟତୀତ ଖଇରା ଅବକାରୀ ଥାନା ଅଧୀନରେ ଖଇରା ଓ ସିମୁଳିଆ ବ୍ଲକ ଥିବା ବେଳେ ଏତେ ବଡ ଅଞ୍ଚଳ ପାଇଁ ଜଣେ ଓଆଇସି, ଜଣେ ଏଏସ୍‌ଆଇ ଓ ଜଣେ କନେଷ୍ଟବଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଣୁ ସ୍ୱଳ୍ପ କର୍ମଚାରୀଙ୍କ ପାଇଁ ଚୋରା ମଦ କାରବାରକୁ ନିୟନ୍ତ୍ରଣରେ ରଖିବା ପାଇଁ ଯଥେଷ୍ଟ କଷ୍ଟ କରିବାକୁ ପଡୁଛି। ଏ ସମ୍ପର୍କରେ ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢୀଙ୍କୁ ପଚାରିବାରୁ ବର୍ତ୍ତମାନ ସମଗ୍ର ଜିଲାରେ ଗାଡ଼ି ଓ କର୍ମଚାରି ସମସ୍ୟା ରହିଛି ବୋଲି କହିଛନ୍ତି।

**ହାଟଡ଼ିହିରେ ନୂତନ ସିଡିପିଓଙ୍କ ଯୋଗଦାନ**

ହାଟଡ଼ିହି,(ଶୁଭକାନ୍ତ ନାୟକ/ପାର୍ଥ ସୌରଭ ସା): କେନ୍ଦୁଝରର ଜିଲା ହାଟଡ଼ିହି ବ୍ଲକ୍‌ରେ ସୋମବାର ନୂତନ ସିଡିପିଓ ଭାବେ ଉମାମଣି ମହାପାତ୍ର ଯୋଗଦେଇଛନ୍ତି। ସେ ପୂର୍ବରୁ ଭୁବନେଶ୍ୱର ବିଏମ୍‌ସିରେ କାର୍ଯ୍ୟ କରୁଥିଲେ। ତାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଜ୍ୟୋତ୍ସ୍ନାମୟୀ ଜେନା, କାଦମ୍ବିନୀ ଜେନା, ଶକୁନ୍ତଳା ମହାନ୍ତି, ରେଣୁବାଳା ଜେନା, ପ୍ରଭାସିନୀ ଜେନା, ନିରୂପମା ରାଉତ, ପୁଷ୍ପାଞ୍ଜଳି ଜେନା, କନକଲତା ଦାସ, ସୁଜ୍ଞାନୀ ଦେବସ୍ମିତା ସେଠୀ, ଗୋଲେଖ ବିହାରୀ ସାହୁ, କେଶବ ଚନ୍ଦ୍ର ରଣା, ବିଜୟ ସେଠୀ, କ୍ଷେତ୍ର ମୋହନ କିସ୍କୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

**କେନ୍ଦୁଝର**

## ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକୋତ୍ସବ

ଆନନ୍ଦପୁର,୪।୩(ଉମେଶ ଚନ୍ଦ୍ର ପାଢ଼ୀ): ଆନନ୍ଦପୁର ବ୍ଲକ୍ କୋଲିମାଟି ପଞ୍ଚାୟତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ଅତିରିକ୍ତ ମଙ୍ଗଳ ଅଧିକାରୀ ବିଜୟ ପୁର୍ତ୍ତି, ସମ୍ମାନିତ ଅତିଥିଭାବରେ ପମ୍ପକେଶର ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ କିଶୋର ନାୟକ, ସିଆରସିସି ଭାରତ ଚନ୍ଦ୍ର ପାତ୍ର, କୋଲିମାଟି ସରପଞ୍ଚ ଦମୟନ୍ତୀ ନାୟକ, ପ୍ରକାଶ ମହାନ୍ତି, ବାଇଧର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦଶରଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପତ୍ରିକା 'ବନଫୁଲର ମହକ' ଉନ୍ମୋଚିତ ହୋଇଥିଲା। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଉତ୍କଟ ଗନ୍ଧରେ ଅଣନିଃଶ୍ୱାସୀ ପଥଚାରୀ

### ଏମ୍‌ସିସି ସେଣ୍ଟର ବାହାରେ ଜମୁଛି ଆବର୍ଜନା

କେନ୍ଦୁଝର,୪।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ସହରର ବ୍ରାହ୍ମଣଗାଁ ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ସେଣ୍ଟର ବାହାର ପଡ଼ିଆରେ ମଇଳା ଆବର୍ଜନା ଗଦା କରାଯାଉଛି। ପୌରପାଳିକା ପକାଇଥିବା ଆବର୍ଜନାରେ ନିଆଁ ଲାଗିଯିବାରୁ ଚାରିଆଡ଼େ ଧୂଆଁମୟ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିସହ ଆବର୍ଜନା ଦୁର୍ଗନ୍ଧରେ ସ୍ଥାନୀୟ ଲୋକେ ଓ କଲେଜ ରୋଡ଼ରେ ଯାତାୟାତ କରୁଥିବା ପଥଚାରୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି।

ପ୍ରକାଶ ଯେ, ଏମ୍‌ସିସି ସେଣ୍ଟର ସମ୍ମୁଖରେ କିଛି ଦିନ ଆବର୍ଜନା ପଡ଼ିବା ଆରମ୍ଭ ହେବା ପରେ ଏହି ସ୍ଥାନ ଏବେ ସ୍ଥାୟୀ ଡମ୍ପିଂୟାର୍ଡରେ ପରିଣତ ହୋଇଛି। କେନ୍ଦୁଝର ସହରରୁ ବାହାରୁଥିବା ଆବର୍ଜନା ଅଧାରୁ ଅଧିକ ଏହି ଖୋଲା ସ୍ଥାନରେ ପଡୁଛି। ଆବର୍ଜନା ପଡୁଥିବା ସ୍ଥାନ ନିକଟରେ ପ୍ରାଣୀ ସମ୍ପଦ ବିଭାଗର ପୋଖରୀ ରହିଛି। ଏହି ପୋଖରୀକୁ ସ୍ଥାନୀୟ ଲୋକେ ବ୍ୟବହାର କରୁଥିବା ବେଳେ ଗୋରୁ ଏବଂ ବନ୍ୟପ୍ରାଣୀ ପାଣି ପିଇବାକୁ ଆସିଥାନ୍ତି। ଅଳିଆ ଆବର୍ଜନା ଉଡ଼ି ପୋଖରୀରେ ପଡୁଥିବାରୁ ଏହାର ପାଣି ପ୍ରଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଅନ୍ୟପକ୍ଷେ ଜମା ହୋଇଥିବା ବର୍ଜ୍ୟବସ୍ତୁରେ ନିଆଁ ଲାଗିବାରୁ ଚାରିଆଡ଼େ ଉତ୍କଟ ଗନ୍ଧ ଯୋଗୁ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପାଖରେ ଚରୁଥିବା ଗୃହପାଳିତ ନିଆଁରେ ପଡ଼ି ଆହତ ହେବା ଆଶଙ୍କା ରହିଛି। ପ୍ରକାଶଯୋଗ୍ୟ, କେନ୍ଦୁଝରଗଡ଼ ପୌରପାଳିକା ୧୯୫୧ରେ ପ୍ରତିଷ୍ଠାଲାଭ କରିଥିଲେ ହେଁ ଅଦ୍ୟାବଧି ଡମ୍ପିଂୟାର୍ଡ ପାଇଁ ସ୍ଥାନ ଚିହ୍ନଟ ହୋଇ ପାରୁନାହିଁ। ଫଳରେ ଅଳିଆ ଆବର୍ଜନା ଖୋଲା ସ୍ଥାନରେ ପକାଯାଉଥିବାରୁ ଜଳ, ବାୟୁ ପ୍ରଦୂଷଣ ହେବା ସହ ମଇଳା ଏବଂ ହୋଟେଲ ବାସିଖାଦ୍ୟ ଖାଇ ଗୃହପାଳିତ ପଶୁ ବିଭିନ୍ନ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। କେନ୍ଦୁଝର ସହରର ଲୋକ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ଡମ୍ପିଂୟାର୍ଡ ପାଇଁ ପୌର ପ୍ରଶାସନ ପକ୍ଷରୁ କୌଣସି ସ୍ଥାନ ଚିହ୍ନଟ ହେଉନାହିଁ। ଫଳରେ ଆଗାମୀ ଦିନରେ ବର୍ଜ୍ୟବସ୍ତୁ ଲୋକଙ୍କ ପାଇଁ ବିପଦର କାରଣ ହେବ ବୋଲି ପରିବେଶବିତ୍ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ପୌର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ କହିଛନ୍ତି, ବାହାରେ ଅବାର୍ଜନା ରଖାଯାଉନାହିଁ। ସେ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବେ।

## ପଡ଼ିଆରପଲ୍ଲୀ ନୋଡ଼ାଲ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ସୋସ,୪।୩(ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ସୋସ ଥାନା ଅଧୀନ ପଡ଼ିଆରପଲ୍ଲୀ ନୋଡାଲ ବିଦ୍ୟାଳୟକୁ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଉତ କେନ୍ଦୁଝର ଶଙ୍କର ଷ୍ଟାଡ଼ିୟମରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ଏନେଇ ହାଟଡିହି ବ୍ଲକ୍ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ପ୍ରମୁଖ ପ୍ରଧାନ ଶିକ୍ଷକଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ହାଟଡିହି ବ୍ଲକ୍‌ରୁ ୨୩୦ ଜଣ ଛାତ୍ରୀଛାତ୍ର, ୬ଜଣ ଶିକ୍ଷକ ଓ ୭ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ୧୦୨ ଛାତ୍ରୀଛାତ୍ରଙ୍କୁ ଲିଡ଼ରସିପ, ୭୯ ଜଣଙ୍କୁ ଏକାଡେମୀ ଓ ୪୯କୁ ବ୍ଲକ୍ ଲେଭୁଲ ପୁରସ୍କାର ପ୍ରଦାନ କରାଯାଇଛି।

## ଗୋପବନ୍ଧୁ, ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ।

ସୋସ,୪।୩(ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ସୋସ ଥାନା ଅଧୀନ ଶଡ଼ା ପଞ୍ଚାୟତ ମିଠିଗାଁ ଗ୍ରାମର ପାଟ ଜାଗୁଲାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ମୁଖ୍ୟ ଅତିଥିଭାବେ ହାଟଡିହି ବ୍ଲକ୍ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ସମ୍ମାନୀୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା କ୍ରୀତନ ବିହାରୀ ଧଳ, ବିଦ୍ୟାଳୟର ଚେୟାରମ୍ୟାନ ମାୟାଧର ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋହନ ମହାନ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନା କରିଥିଲେ।

## ଖୋଲିଲା ଫିଜିଓଥେରାପି ଓ ଯୋଗ କେନ୍ଦ୍ର

ଆନନ୍ଦପୁର,୪।୩(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁର ସହରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଛି। ଏଥିସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫିଜିଓଥେରାପି ଓ ଯୋଗକେନ୍ଦ୍ର ଖୋଲିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ୧୯୯୭ରେ ଆରମ୍ଭ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରୁ ଏଠାରେ ଆବଶ୍ୟକୀୟ ଡାକ୍ତର, ଫାର୍ମାସିଷ୍ଟ, ସେବିକା ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆବଶ୍ୟକତା ଅନୁଭୂତ ହୋଇଥିଲା। ଏନେଇ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲା। ଦାବି ମୁତାବକ ରାଜ୍ୟ ସରକାର ସ୍ୱାସ୍ଥ୍ୟକେନ୍ଦ୍ରକୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେଇଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରୀକରଣ ପାଇଁ ଆବଶ୍ୟକୀୟ ଅନୁଦାନ ଯୋଗାଇ ଦେଇଥିବା ବେଳେ ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାକୁ ଆହୁରି ସରଳୀକରଣ କରିବା ପାଇଁ ଏଠାରେ ଏକ ଫିଜିଓଥେରାପି କେନ୍ଦ୍ର ଓ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି।

**ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ଫିଜିଓ ଥେରାପିଷ୍ଟ ଡା. ଦିପ୍ତୀରଞ୍ଜନ ସାହୁ ପ୍ରତ୍ୟେକ ସପ୍ତାହର ସୋମବାର, ମଙ୍ଗଳବାର ଓ ଶୁକ୍ରବାରରେ ଥେରାପି ଚିକିତ୍ସା ଯୋଗାଇବେ, ଯୋଗ ପ୍ରଶିକ୍ଷକ ଜଗନ୍ନାଥ ମହାନ୍ତ ଯୋଗ ମାଧ୍ୟମରେ ବହୁମୂତ୍ର, ରକ୍ତଚାପ, ଗ୍ୟାସ ଓ ଅଜୀର୍ଣ୍ଣ ଭଳି ରୋଗର ରୋଗୀମାନଙ୍କୁ ଯୋଗ, ପ୍ରାଣାୟମ ମାଧ୍ୟମରେ ଉପଶମ କରାଇବେ। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ତପନ କୁମାର ପଣ୍ଡା, ଡାକ୍ତର ସୁଜିତ କୁମାର ବେହେରା ସ୍ୱାସ୍ଥ୍ୟସେବାର ତଦାରଖ କରୁଛନ୍ତି।

## ଜଳବାୟୁ ପ୍ରଦୂଷଣରେ ନୟାନ୍ତ ପଟୁଆକୁଦରବାସୀ

### ସମାଧାନ ପାଇଁ ଜିଲାପାଳଙ୍କୁ ଗୁହାରି

କେନ୍ଦୁଝର,୪।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ମଲଦା ନିକଟ ପଟୁଆକୁଦର ଗ୍ରାମବାସୀ ଜଳବାୟୁ ପ୍ରଦୂଷଣକୁ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱାରସ୍ଥ ହୋଇ ପ୍ରତିକାର ଦାବି କରିଛନ୍ତି। ଗ୍ରାମ ନିକଟରେ ଥିବା ବସନ୍ତପୁରର ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର କାରଖାନାରୁ ନିର୍ଗତ ମଇଳା ଆବର୍ଜନା, ଧୂଳିଧୂଆଁ ଯୋଗୁ ଜଳବାୟୁ ପ୍ରଦୂଷଣ ହେଉଥିବାରୁ ସାଧାରଣ ଲୋକେ, ଜୀବଜନ୍ତୁ, ପଶୁପକ୍ଷୀ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରଦୂଷଣ ଯୋଗୁ ଗ୍ରାମର ପରିବେଷ ଉପରେ କୁପ୍ରଭାବ ପଡୁଥିବା ବେଳେ ଅଭିଯୋଗ କଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ସମାଧାନ କରୁ ନାହାନ୍ତି। ବିଶେଷ କରି ପ୍ରଦୂଷଣ ନିୟନ୍ତ୍ରଣ ସାମଗ୍ରୀ ଓ ଉପକରଣ ବ୍ୟବହାର କରାଯାଉ ନ ଥିବାରୁ ରାତିରେ କାରଖାନାର ଧୂଳିଧୂଆଁ ସମଗ୍ର ଅଞ୍ଚଳକୁ ପ୍ରଦୂଷିତ କରିଦେଉଛି। ଗଛପତ୍ର, ଘରବାଡ଼ି, ଜଳାଶୟରେ ଧୂଳିର ଆସ୍ତରଣ ଯୋଗୁ ପନିପରିବା, ପାଣି ବ୍ୟବହାର କରିହେଉନାହିଁ। କାରଖାନା ଆରମ୍ଭ ସମୟରେ ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ କହି ଲୋକଙ୍କଠାରୁ ଜମିବାଡ଼ି କିଣିନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ପାଳନ କଲେ ନାହିଁ କିମ୍ବା ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ତାଗିଦା ମଧ୍ୟ କରାଗଲାନାହିଁ। ସ୍ଥାନୀୟ ଲୋକ ମାନେ ବାହାର ରାଜ୍ୟକୁ ଦାଦାନ ଖଟିବାକୁ ଯାଉଥିବା କହିଛନ୍ତି। ଅନେକଙ୍କୁ ବିଭିନ୍ନ ଦୋଷ ଦେଖାଇ ଓ କାରଣ ଦର୍ଶାଇ ବାହାର କରିଦେଉଛନ୍ତି। ପ୍ରତିବାଦ କଲେ ପୋଲିସ ଭୟ ଦେଖାଉଥିବା ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ କମ୍ପାନୀ ମଇଳା ଆବର୍ଜନାକୁ ନଦୀରେ ଛାଡୁଥିବାରୁ ସ୍ଥାନୀୟ ଲୋକେ ନା ନା ରୋଗରେ ପୀଡିତ ହେବା ସହ ଗୃହପାଳିତ ପଶୁ, ପକ୍ଷୀ, ବନ୍ୟପ୍ରାଣୀ, ଜଳଚର ପ୍ରାଣୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏଣୁ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ଜଳ, ଯୋଗ୍ୟତା ଭିତିରେ ନିଯୁକ୍ତି, କାରଖାନା ପକ୍ଷରୁ ଶିକ୍ଷକ ନିଯୁକ୍ତି, ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା, ସାହି ରାସ୍ତା ନିର୍ମାଣ, ଗ୍ରାମର ଧର୍ମାନୁଷ୍ଠାନକୁ ସହାୟତା, ପ୍ରଦୂଷଣ ରୋକିବା ସହ ପ୍ରତ୍ୟେକ ପରିବାକୁ ସହଯୋଗ ଭତ୍ତା ଆଦି ୭ ଦଫା ଦାବିକୁ ନେଇ ଉଗ୍ରସେନ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ ସମେତ ଶତାଧିକ ଗ୍ରାମବାସୀ ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି।

## ୧୨୮ଟି ଅଭିଯୋଗର ତୁରନ୍ତ ଫଇସଲା

କେନ୍ଦୁଝର,୪।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳ ବିଶାଲ ସିଂହ ଏବଂ ଏସ୍‌ପି ନୀତିନ କୁଶଲକରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୩୦୦ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ୧୨୮ ର ତୁରନ୍ତ ଫଇସଲା ହୋଇଥିଲା। ୩୪ ଗୋଷ୍ଠୀ ସମସ୍ୟାମୂଳକ ଥିବାବେଳେ ୨୬୬ ବ୍ୟକ୍ତିଗତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ସରେଙ୍ଗ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ କେନ୍ଦୁଝର ତପନ ନାଏକ, କେନ୍ଦୁଝର ଉପଜିଲାପାଳ ତ୍ରିଲୋଚନ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର ପୃଷ୍ଟି, ଡେପୁଟି କଲେକ୍ଟର କିରଣ ନାଏକ ପ୍ରମୁଖ ଯୋଗଦେଇଥିଲେ। ରେଡ୍ କ୍ରସ ସହାୟତା ପାଇଁ ୧୬ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ୫ ହିତାଧିକାରୀଙ୍କୁ ମୋଟର ଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ବାରିପଦା,୪।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୟୂରଭଞ୍ଜ ଜିଲା ବହଳଦା ପୋଲିସ ଚଢ଼ାଉ କରି ଏକ ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ କରିଛି। ଜବତ ଚମଡ଼ାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଚାଲାଣରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ ପରେ ପୋଲିସ କୋର୍ଟଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୯/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ଭୋର ୪ଟା୧୫ରେ ଉଠିବ ମହାଦୀପ

ଭୋଗରାଇ,୪।୩(ପ୍ରଦୀପ ଦାସ)

ପ୍ରସିଦ୍ଧ ଶୈବପୀଠ ହୁଗୁଳି ଗ୍ରାମର ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ ଆସନ୍ତା ୮ ତାରିଖ ମହାଶିବ ରାତ୍ରିରେ ପୂଜାର୍ଚ୍ଚନା ସହିତ ଜାଗର ଜାଳିବେ ବୋଲି ସୂଚନା ମିଳିଛି। ଏନେଇ ଦୁଇ ପ୍ରସିଦ୍ଧ ଶୈବପୀଠର ଟ୍ରଷ୍ଟ ବୋର୍ଡ, ସେବାୟତ, ସରକାରୀ କର୍ମଚାରୀ, ସ୍ଥାନୀୟ ଜନ ସାଧାରଣ ଓ ପୋଲିସ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ଶନିବାର ଅପରାହ୍ଣରେ ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସଠାରେ ଭୋଗରାଇ ତହସିଲଦାର ସୁଧାଂଶୁ ଶେଖର ଗିରିଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଶୈବପୀଠରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ୮ ତାରିଖ ଭୋର ୪ଟା୧୫ରେ ମହାଦୀପ ଉଠିବାନେଇ ସ୍ଥିରିକୃତ ହୋଇଛି। ନୀତିକାନ୍ତି ପୂଜା, ଶ୍ରଦ୍ଧାଳୁଙ୍କ ଜଳାଭିଷେକ, ଆରାଧନା, ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା।

### ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କ ପୀଠ

### ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ

ଏହି ପ୍ରସ୍ତୁତି ବୈଠକରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଉପ ଜିଲାପାଳ ପ୍ରଥମେଶ ଅରବିନ୍ଦ ସିରକେ, ବିଡିଓ ଉମାକାନ୍ତ ପରିଡା, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଭୋଗରାଇ ବିଧାୟକଙ୍କ ପ୍ରତିନିଧି ଅଭିଜିତ ଦାସ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପରେଶ ଚନ୍ଦ୍ର ନାୟକ, ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ, ଟ୍ରଷ୍ଟ ବୋର୍ଡର ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା,ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ଗୋଷ୍ଠୀ ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା, ଭୋଗରାଇ ଓ ତାଳସାରୀ ମେରାଇନ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ଚମ୍ପାବତୀ ସୋରେନ, ଅଗ୍ନିଶମ ବିଭାଗର ପଞ୍ଚାନନ ସୋରେନ, ଗ୍ରାମ ପାଇପ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ହରପ୍ରିୟା ମହାନ୍ତଙ୍କ ସହିତ ଟ୍ରଷ୍ଟ ବୋର୍ଡର ସଦସ୍ୟ, ସେବାୟତ, ଜନପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ସୋମବାର ଅପରାହ୍ଣରେ ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଶିବରାତ୍ରି ନିମନ୍ତେ ପ୍ରଶାସନ ଓ ଦୁଇ ମହାଦେବ ମନ୍ଦିରର ଟ୍ରଷ୍ଟବୋର୍ଡ ପକ୍ଷରୁ ଚୂଡ଼ାନ୍ତ ଆଲୋଚନା କରାଯାଇଥିଲା।

## ଆମ ଶରୀର ଆମେ ଡାକ୍ତର ସଚେତନତା

ବାରିପଦା,୪।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଦେଶରେ ରହି କାର୍ଯ୍ୟ କରୁଥିବା ଡା. ଶିବାଶିଷ ଗିରି ମୟୂରଭଞ୍ଜ ଆସିବା ଅବସରରେ 'ଆମ ଶରୀର ଆମେ ଡାକ୍ତର' ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ସୋମବାର ବାରିପଦାସ୍ଥିତ ଡିଭାଇନ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଏବଂ ନର୍ସିଂ ଇନଷ୍ଟିଚ୍ୟୁଟର ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଛନ୍ତି। ଡା.ଗିରି ଜର୍ମାନର ଲେଇପିଜିଗ୍ ବିଶ୍ୱବିଦ୍ୟାଳୟରେ ଷ୍ଟେମ୍ ସେଲ ବାୟୋଲଜି ଏବଂ ସେଲ ଟେକ୍ନୋଲୋଜି ବିଭାଗର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଗସ୍ତ କରି ବିଦ୍ୟାର୍ଥୀଙ୍କୁ ଆମ ଶରୀରର ଆମେ ଡାକ୍ତର ବିଷୟରେ ଜ୍ଞାନ ପ୍ରଦାନ କରୁଛନ୍ତି। ବ୍ୟସ୍ତବହୁଳ ଦୁନିଆରେ ଚାପମୁକ୍ତ ହୋଇ କିପରି ସୁସ୍ଥ ବାତାବରଣ ସୃଷ୍ଟି କରାଯିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଛନ୍ତି। ଶିକ୍ଷାର ଚାପକୁ ପ୍ରତିଦିନ ପରିତ୍ୟାଗ କରିବାର କୌଶଳ ପ୍ରଦାନ କରିବା ସହ ସୁସ୍ଥ ଓ ନିରୋଗ ରହିବାକୁ ପରାମର୍ଶ ଦେଇଥିଲେ। ସେ ବିଦେଶ ଭ୍ରମଣ ସମୟରେ ନୋବେଲ ବିଜେତାଙ୍କ ସହ ଆଲୋଚନା କରି ପାଇଥିବା ଅନୁଭୂତିକୁ ଛାତ୍ରୀଛାତ୍ରଙ୍କ ଆଗରେ ଉପସ୍ଥାପନ କରିଥିଲେ। ନିଜ ଶରୀରକୁ କିପରି ନିରୋଗ ରଖାଯାଇପାରିବ ଓ ମନକୁ କିପରି ଏକାଗ୍ରତା କରାଯିବା ସହ ନୂଆ ନୂଆ ବିଷୟ ଉପରେ ଅନୁଧ୍ୟାନ କରିବାକୁ ପ୍ରେରଣା ଦେଇଥିଲେ। ବାଇ ଚଢ଼େଇ ଯେପରି ବଢ଼ ବସାଟିଏ ବାନ୍ଧି ଝଡ଼ ତୋଫାନରୁ ନିଜେ ସୁରକ୍ଷିତ ରହିଥାଏ ଠିକ୍ ସେହିପରି ଜୀବନରେ ଏପରି ଏକ କାର୍ଯ୍ୟ କରି ଦେଶବିଦେଶରେ ସୁନାମ ଅର୍ଜନ କରିବାକୁ ଚେଷ୍ଟା କର ବୋଲି କହିଥିଲେ। ଡାକ୍ତର ଗିରିଙ୍କ ଦ୍ୱାରା ପ୍ରଦତ ବାର୍ତ୍ତା ଛାତ୍ରୀଛାତ୍ରମାନଙ୍କୁ ବେଶ ପ୍ରଭାବିତ କରିଥିବା ବେଳେ ଅଧ୍ୟାପିକାମାନେ ମଧ୍ୟ ପ୍ରଶଂସା କରିଥିଲେ।

## ସୁନା,ରୁପା ଅଳଙ୍କାର ଜବତ, ୪ ଗିରଫ

ଜଳେଶ୍ୱର,୪।୩(ରବିନାରାୟଣ ପାତ୍ର): ଜଳେଶ୍ୱର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଜବତ ସହିତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲଖିଆ ସାହୁ, କୁନା ଦାସ ଓ ବାବୁ ମାନ୍ନା। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନାହିଁ। ଜଳେଶ୍ୱର ଅଞ୍ଚଳରେ ଗତ କିଛିମାସ ହେଲା ଚୋରି ଓ ଛିନ୍‌ତାଇ ହୋଇଥିବା ଅଭିଯୋଗ କ୍ରମେ ପୋଲିସ ଦୁର୍ବୃତ୍ତମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି।

## ମିଶନ ଶକ୍ତି ଗୃହ ଆଗରେ ଗଡୁଛି ମଦ ବୋତଲ

ହାଟଡ଼ିହୀ,୪।୩(ପାର୍ଥ ସୌରଭ ସା)




କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ସଡ଼ଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ। ଦୈନିକ ଅସାମାଜିକ ବାରଣ୍ଡାରେ ବସି ମଦ୍ୟପାନ କରି ବୋତଲ ଓ ଚାଖଣା ଜରି ପକାଉଛନ୍ତି। ଗୃହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିଲେ ବି ଏଥିପ୍ରତି କାହାର ନଜର ନାହିଁ। ଗ୍ରାମବାସୀଙ୍କ କହିବାନୁଯାୟୀ, ସଡ଼ଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଟି ପୂର୍ବରୁ ନିୟମିତ ଖୋଲା ଯାଉଥିଲା। ଏବେ କାର୍ଯ୍ୟାଳୟ ମାସରେ ଥରେ ୨ ଥର ଖୋଲାଯାଉଛି। ଫଳରେ ଅଧିକାଂଶ ଦିନ କିଛି ଲୋକ କାର୍ଯ୍ୟାଳୟ ଭିତରେ ମଦ ପାଣିର ଆସର ଜମାଉଛନ୍ତି। ସୋମବାର ସକାଳେ ରାସନ ସହାୟତା ଓ ବ୍ୟାଗ ପାଇଁ ପଞ୍ଚାୟତକୁ ଲୋକମାନେ ଯାଇଥିବା ବେଳେ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି ବାରଣ୍ଡାରେ ଅନେକ ମଦ ବୋତଲ ପଡ଼ିଥିବା ଦେଖିଥିଲେ। ଏପରିକି କାର୍ଯ୍ୟାଳୟର ପାଚେରି ଚାରିପଟେ ଅନେକ ମଦ ବୋତଲ ପଡ଼ିଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବରୁ ଏପରି କେବେ ହେଉ ନ ଥିବା ବେଳେ ବର୍ତ୍ତମାନ ସମୟରେ କାର୍ଯ୍ୟାଳୟ ଖୋଲା ଯାଉ ନ ଥିବାରୁ ଏପରି ପରିସ୍ଥିତି ଉପୁଜୁଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଅନ୍ତର୍ଯ୍ୟାମୀ ଖଣ୍ଡେଇ କହିଛନ୍ତି, କିଛି ଲୋକ ମୋତେ ବଦନାମ କରିବା ଉଦ୍ଦେଶ୍ୟରେ ଏପରି କରୁଛନ୍ତି।

## ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ୨ ଯୁବକ

ନୀଳଗିରି,୪।୩(ପ୍ରଶାନ୍ତ ବିଶ୍ୱାଳ)

ବାଉଁଶବଣିଆ ପଞ୍ଚାୟତ ପଣ୍ଡିତସାହି ଗାଁରେ ପଶି ତେଣ୍ଡା ଅଞ୍ଚଳର ୨ ଯୁବକ ପାଣି ପାଇପ୍ ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଛନ୍ତି। ଯୁବକ ଦ୍ୱୟ ପାଇପ୍‌ରେ ଲାଗିଥିବା ତାଲାକୁ ଭାଙ୍ଗିବାରେ ବିଫଳ ହେବାରୁ ସାଇକେଲ ଖରାପ ହୋଇଗଲା କହି ଗାଁର ଜଣଙ୍କ ଘରୁ ଦା' ମାଗି ଆଣି ଚୋରି ଉଦ୍ୟମ ଜାରି ରଖିଥିଲେ। ହେଲେ ରାତିଅଧରେ କାହିଁକି ୨ ଯୁବକ ଦା' ମାଗି ନେଲେ ବୋଲି ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଦେହ ହେବାରୁ ସେ ଗାଁ ଲୋକଙ୍କୁ ଫୋନ କରି ଡାକିଥିଲେ। ଗ୍ରାମବାସୀ ଏକାଠି ହୋଇ ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ। ପରେ ଗ୍ରାମବାସୀ ସେମାନଙ୍କୁ ପୋଲିସ ଜିମା ଦେଇଥିବା ସୂଚନା ମିଳିଛି।

## ଭାଜପାର ନାରୀଶକ୍ତି ବନ୍ଦନ ଯାତ୍ରା




ପାଟଣା,୪।୩(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟରେ ସୋମବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ନାରୀଶକ୍ତି ବନ୍ଦନ ଯାତ୍ରା କରାଯାଇଛି। ଏହି ଅବସରରେ ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିରରୁ ଏକବିରାଟ ପଦଯାତ୍ରା ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବ୍ଲକ୍ ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ୍ ସମ୍ମୁଖରେ ଭାଜପା ନେତ୍ରୀମାନେ ବିଜେଡି ସରକାର ବିରୋଧରେ ବର୍ଷିଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀ ଓ ଜିଲାର ଆଗଧାଡ଼ିର ସମସ୍ତ ମହିଳା ନେତ୍ରୀଙ୍କ ସହ ତୁଙ୍ଗ ନେତା ସାମିଲ ହୋଇଥିଲେ। ଏଥିରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ମମିତା ନାଏକ, ଜିଲା ଭାଜପା ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ର, ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାପତି ମମତା ସିଂ, ଭାଜପା ଜିଲା ସାଧାରଣ ସମ୍ପାଦକ ସମୋବାରୀ ମୁଣ୍ଡା, ତନୟା ବାରିକ, ରିତା ବାରିକ, ସରୋଜିନୀ ନାଏକ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶବିର ଦାଶ, ବରିଷ୍ଠ ଭାଜପା ନେତା ଅଖିଳ ଚନ୍ଦ୍ର ନାଏକ, ପ୍ରବୀର ନାଏକ, ଉମାକାନ୍ତ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀର ୪ ବ୍ଲକ୍‌ରୁ ୫ ଶହରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକର୍ତ୍ତା ଓ ନେତ୍ରୀ ସାମିଲ ହୋଇଥିଲେ।

## ଔପଦାରେ ନୂଆ ସିଡିପିଓଙ୍କ ଯୋଗଦାନ

ଔପଦା,୪।୩(ଧରିତ୍ରୀ ପଣ୍ଡା)– ଔପଦାରେ ନୂଆ ସିଡିପିଓ ଭାବେ ଜୟଶ୍ରୀ ସିଟ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମୟୂରଭଞ୍ଜ ଜିଲା ଶୁକ୍ଳି ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରୁ ଆସି ଔପଦାରେ ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଠାରେ କାର୍ଯ୍ୟରତ ସିଡିପିଓ ଲକ୍ଷ୍ମୀପ୍ରିୟା ସାହୁଙ୍କ ଦେହାନ୍ତ ପରେ ଖଇରା ସିଡିପିଓ ଦାୟିତ୍ୱରେ ଥିଲେ।

## ପାଚିକା, ସହାୟିକାଙ୍କ ବିକ୍ଷୋଭ

କେନ୍ଦୁଝର,୪।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ମିଡ୍ ଡେ ମିଲ ୱାର୍କସ ୟୁନିୟନ ପକ୍ଷରୁ ସୋମବାର ୭ ଦଫା ଦାବିରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍କୁଲରେ କାମ କରୁଥିବା ପାଚିକା, ସହାୟିକା ଏକ ରାଲିରେ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ୟୁନିୟନ୍‌ର ଦାବିଗୁଡ଼ିକ ମଧ୍ୟରେ ମଧ୍ୟାହ୍ନ ଭୋଜନ କର୍ମୀ ପାଚିକା/ସହାୟିକାମାନଙ୍କୁ ଶ୍ରମିକର ମାନ୍ୟତା ଦିଆଯିବା, ମଧ୍ୟାହ୍ନ ଭୋଜନ କର୍ମୀ ପାଚିକା ଏବଂ ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରୀ ଦେବା, କେନ୍ଦ୍ର ସରକାରଙ୍କ ୨୦୧୭ଠାରୁ ପାଇବାକୁ ଥିବା ମାସିକ ୬୦୦ ଟଙ୍କା ଏବଂ ୨୦୨୩ ଠାରୁ ପାଇବାକୁ ଥିବା ମାସିକ ୯୦୦ଟଙ୍କା ତୁରନ୍ତ ପ୍ରଦାନ କରିବା, ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ମାସର ଦରମା ସମସ୍ତଙ୍କୁ ଦିଆଯିବା, ବର୍ଷକୁ ୨ଖଣ୍ଡ ଶାଢ଼ୀର ମୂଲ୍ୟ ବାବଦରେ ୧ହଜାର ଟଙ୍କା ଦେବା, ଅବସର ବୟସ ୬୨ ବର୍ଷ କରାଯିବା, ସୁରକ୍ଷା ବୀମା ଏବଂ ଅବସରକାଳୀନ ପେନସନ ଯୋଜନା ସମସ୍ତଙ୍କ ପାଇଁ କରାଯିବା ଆଦି ଦାବି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

